**ସି ଆର୍ ଏଲ୍ ଏ ସଂଖ୍ୟା 60/2021**

**ନରି ଓରଫ ନରେନ୍ଦ୍ର ବାରିକ ........... ଅପିଲକାରୀ**

**ବନାମ**

**ଓଡ଼ିଶା ରାଜ୍ୟ ........... ଉତ୍ତରଦାତା**

09. 17.05.2021 କୋଭିଡ-19 ମହାମାରୀ କାରଣରୁ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ଏସ୍.କେ.ମହାନ୍ତି ଏବଂ ଶ୍ରୀମତୀ ଶାଶ୍ୱତା ପଟ୍ଟନାୟକ, ଅତିରିକ୍ତ ସରକାରୀ ଅଧିବକ୍ତାଙ୍କୁ ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ ମୁଁ ଶୁଣିଛି ।

ଏହି ଅପିଲ, ଆଇ.ପି.ସି. ଧାରା 302/294/323/324/34 ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଜେ.ଆର୍. ମାମଲା ସଂଖ୍ୟା 87/2019ର ଅନୁରୂପ କୋଦାଳା ପି.ଏସ୍ ମାମଲା ସଂଖ୍ୟା 283/2019 ସହିତ ଜଡ଼ିତ, ଜାମିନ ପାଇଁ ଅପିଲାକାରୀଙ୍କ ଅପିଲକୁ ଖାରଜ କରି, ବିଜ୍ଞ ପୀଠାସୀନ ଅଧିକାରୀ (ଶିଶୁ ନ୍ୟାୟାଳୟ), ଗଞ୍ଜାମ, ବ୍ରହ୍ମପୁର (ଆଇ/ସି) ଦ୍ୱାରା ପାରିତ କରାଯାଇଥିବା 16.04.2020 ତାରିଖର ଆଦେଶକୁ ଆପତ୍ତି କରି, କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ 2015 (ସଂକ୍ଷେପରେ "ଜେଜେ ଆଇନ") ର ଧାରା 101(5) ଅନୁଯାୟୀ ଆଗତ କରାଯାଇଛି ।

ସଂକ୍ଷେପରେ ଅଭିଯୋଜନ ଅଭିଯୋଗ ହେଉଛି ଯେ, 13.10.2019ର ରାତି ପ୍ରାୟ 8ଟା ବେଳେ ଅପିଲକାରୀ ସୂଚନାଦାତାଙ୍କ ଘରେ ପ୍ରବେଶ କରିଥିଲେ ଏବଂ ତାଙ୍କୁ ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ ଏବଂ ଭୁଜାଲି ମାଧ୍ୟମରେ ତାଙ୍କ ପୁଅ ପିଣ୍ଟୁ ନାୟକଙ୍କୁ ଆକ୍ରମଣ କରି ରକ୍ତସ୍ରାବଜନିତ ଆଘାତ କରିଥିଲେ । ଯେତେବେଳେ ସୂଚନାଦାତା ପ୍ରତିବାଦ କଲେ, ତାଙ୍କୁ ମୁଷ୍ଟି ପ୍ରହାର ଏବଂ ଲାଠିରେ ଆକ୍ରମଣ କରାଯାଇଥିଲା, ଯେଉଁଥିପାଇଁ ସେ ତଳେ ପଡ଼ି ଯାଇଥିଲେ । ଅପିଲକାରୀ ତାଙ୍କ ଘରୁ କିଛି ସାମଗ୍ରୀ ମଧ୍ୟ ନେଇଯାଇଥିଲେ । ପିଣ୍ଟୁ ନାୟକ ବ୍ରହ୍ମପୁର ଏମ୍ କେ ସି ଜି ଏମ୍ ସି ଏଚ୍ ରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣ ହରାଇଥିଲେ ।

ଅପିଲକାରୀ-ସି.ଆଇ.ସି.ଏଲ୍.ଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ, ସି.ଆଇ.ସି.ଏଲ୍.ର ବୟସ ପାଖାପାଖି 17 ବର୍ଷ ଏବଂ ସେ ଦେଢ଼ ବର୍ଷରୁ ଅଧିକ ସମୟ ଧରି ପର୍ଯ୍ୟବେକ୍ଷଣ ଗୃହରେ ବନ୍ଦୀ ହୋଇ ରହିଛନ୍ତି ଏବଂ ଏହି ସମୟରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ସେ ଆହୁରି ମଧ୍ୟ ଉପସ୍ଥାପନ କରିଛନ୍ତି ଯେ, ସି. ଆଇ. ସି. ଏଲ୍. ର କୌଣସି ପୂର୍ବବର୍ତ୍ତୀ ଅପରାଧିକ ଘଟଣା ନାହିଁ ଏବଂ ତାଙ୍କ ବୟସକୁ ଦୃଷ୍ଟିରେ ରଖି ଏବଂ ଜେଜେ ଅଧିନିୟମ 12 ର ଆଦେଶକୁ ଦୃଷ୍ଟିରେ ରଖି ଏବଂ କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ଦୃଷ୍ଟିରେ ରଖି ତାଙ୍କ ମୁକ୍ତି ଆବଶ୍ୟକ । **ଆର୍ ଇ: ଜଣେ କିଶୋର-**

**ବନାମ ରାଜ୍ୟ (2009) 42 OCR 315 ଏବଂ କୁନା-ବନାମ ରାଜ୍ୟ: 1993 (II) OLR 536** ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତି ଏବଂ **ସ୍ୱତଃ ପ୍ରବୃତ୍ତ ରିଟ୍ ଆବେଦନ (ଦେୱାନୀ) ସଂଖ୍ୟା 4 /2020 (ଆର୍ ଇ ଶିଶୁ ସୁରକ୍ଷା ଗୃହରେ କୋଭିଡ-19 ଭୂତାଣୁରେ ସଂକ୍ରମଣରେ)** ମାମଲାରେ ଜାମିନ ପାଇଁ ତାଙ୍କ ପ୍ରାର୍ଥନାକୁ ସମର୍ଥନ କରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ସେ ନିର୍ଭର କରିଛନ୍ତି ।

ଶ୍ରୀଯୁକ୍ତ ପଟ୍ଟନାୟକ, ବିଜ୍ଞ ଅତିରିକ୍ତ ସରକାରୀ ଅଧିବକ୍ତା, ଜାମିନ ପାଇଁ ପ୍ରାର୍ଥନାକୁ ତୀବ୍ର ବିରୋଧ କରି କହିଛନ୍ତି ଯେ, ଅପିଲକାରୀଙ୍କ ବୟସ, ଘଟଣା ଦିନ 17 ବର୍ଷରୁ ଅଧିକ ଥିଲା ଏବଂ ତାଙ୍କୁ ଜଣେ ବୟସ୍କ ଭାବରେ ବିବେଚନା କରାଯିବ ଏବଂ ଶିଶୁ ନ୍ୟାୟାଳୟ ଦ୍ୱାରା ବିଚାର କରାଯିବ। ସୂଚନାଦାତା ମୋଚିଆ ନାୟକ ଏବଂ ପଡ଼ୋଶୀ କରୁଣା ସ୍ୱାଇଁଙ୍କ ବୟାନ ବିଷୟରେ ଉଲ୍ଲେଖ କରି ସେ ଆହୁରି ଉପସ୍ଥାପନ କରିଥିଲେ ଯେ, ଅପିଲକାରୀ ଛୁରୀ ଧରି ମୃତକଙ୍କ ଘରକୁ ଆସିଥିଲେ ଏବଂ  ମୃତକଙ୍କୁ ଛୁରୀରେ ଆକ୍ରମଣ କରିଥିଲେ ଯାହା ଫଳରେ ବହୁତ ରକ୍ତସ୍ରାବ  ହେତୁ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଅପରାଧର ଅସ୍ତ୍ର-ଛୁରୀ ଏବଂ  ରକ୍ତ ଦାଗଯୁକ୍ତ ପିନ୍ଧା ପୋଷାକ ଉଦ୍ଧାର ପ୍ରଦାନ କରିଛନ୍ତି । ଆଇ.ପି.ସି. ଧାରା 302/294/323/324/380  ଅନୁଯାୟୀ ଅପରାଧ ପାଇଁ ଅପିଲକାରୀଙ୍କ ବିରୋଧରେ 12.02.2020 ତାରିଖରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଅଛି । ସେ ଜାମିନ ମଞ୍ଜୁରକୁ ବିରୋଧ କରି କହିଛନ୍ତି ଯେ, ସି.ଆଇ.ସି.ଏଲ୍. ଏକ ଧାରୁଆ ଅସ୍ତ୍ରଶସ୍ତ୍ର ସହିତ ମୃତକ ବ୍ୟକ୍ତିଙ୍କ ଘରେ ପ୍ରବେଶ କରି ପୂର୍ବ-ଯୋଜନାବଦ୍ଧ ଢଙ୍ଗରେ ଏକ ଘୃଣ୍ୟ ଅପରାଧ କରିଛନ୍ତି ଏବଂ ତାଙ୍କ ଉନ୍ନତିସାଧନ ପାଇଁ ତାଙ୍କ ସଂସ୍ଥାଗତ ଯତ୍ନ ଆବଶ୍ୟକ ଯାହା ଜାମିନ ମୁକ୍ତ ହେଲେ ସମ୍ଭବ ହେବ ନୁହଁ ।

**ଆର୍ ଇ ଜଣେ କିଶୋର ବନାମ ରାଜ୍ୟ: (2009) 42 OCR 325** ମାମଲାରେ ଯେଉଁଠାରେ ଅଭିଯୁକ୍ତ ଆଇ.ପି.ସି.ର ଧାରା-302 ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ ଏକ ମାମଲାରେ ସମ୍ପୃକ୍ତ ଥିଲେ, ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଜେଜେ ଅଧିନିୟମର ଧାରା 12ର ଆଦେଶ ହେଉଛି ଯେ, ଅପରାଧ ଯେତେ ଭୟଙ୍କର ହେଉ ନା କାହିଁକି, ଜଣେ କିଶୋରଙ୍କୁ ଜାମିନ ମୁକ୍ତ କରାଯିବ ଏବଂ ଏକମାତ୍ର ପ୍ରତିବନ୍ଧକ ହେଉଛି ଯୁକ୍ତିଯୁକ୍ତ ଆଧାରର ଉପଲବ୍ଧତା ଯେ, ତାଙ୍କ ମୁକ୍ତି, ତାଙ୍କୁ ଜଣାଶୁଣା ଅପରାଧୀଙ୍କ ସହ ସଂଶ୍ଳିଷ୍ଟ କରିବ କିମ୍ବା ତାଙ୍କୁ କୌଣସି ନୈତିକ, ଶାରୀରିକ କିମ୍ବା ମାନସିକ ବିପଦର ସମ୍ମୁଖୀନ କରାଇବ କିମ୍ବା ତାଙ୍କ ମୁକ୍ତି ନ୍ୟାୟର ଅଭିପ୍ରାୟକୁ ଧ୍ୱଂସ କରିବ । ଆବେଦନକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଉଲ୍ଲେଖ କରି କୁହାଯାଇଥିଲା ଯେ, ଯଦି ତାଙ୍କୁ ଜାମିନ ମୁକ୍ତ କରା ନଯାଏ ତେବେ ମାନସିକ ବିପଦର ଆଶଙ୍କା ରହିଛି ଏବଂ ସିଆଇସିଏଲକୁ ଜାମିନ ମଞ୍ଜୁର କରାଯାଏ।

ଅନ୍ୟାନ୍ୟ ବିଷୟ ମଧ୍ୟରେ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ, (2020) 15 SCC 280 ରେ ବିବୃତ ହୋଇଥିବା **ଆର୍ ଇ: ଶିଶୁ ଗୃହରେ କୋଭିଡ-19 ଭୂତାଣୁ ସଂକ୍ରମଣ**ରେ ପ୍ରଦାନ କରାଯାଇଥିବା  ତାଙ୍କ ନିଷ୍ପତ୍ତିରେ ନିମ୍ନମତେ ଦର୍ଶାଇଛନ୍ତି;-

*...... "ଏହି ପରିପ୍ରେକ୍ଷୀରେ, ଜେଜେବି ଏବଂ ଶିଶୁ ନ୍ୟାୟାଳୟକୁ, ସର୍ବୋତ୍ତମ ସ୍ୱାର୍ଥ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁ କିମ୍ବା ଶିଶୁମାନଙ୍କୁ ସିସିଆଇରେ ରଖିବା ଉଚିତ କି ନାହିଁ ତାହା ସକ୍ରିୟ ଭାବରେ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଗୁଡ଼ିକ ଅନ୍ତର୍ଭୁକ୍ତ ହୋଇପାରେ:*

*(i) ପର୍ଯ୍ୟବେକ୍ଷଣ ଗୃହରେ ରହୁଥିବା, ଆଇନ ସହିତ ଦ୍ୱନ୍ଦ୍ୱରେ ଥିବା ଆରୋପିତ ପିଲାମାନେ ଯଦି ଜେଜେ ଅଧିନିୟମ, 2015ର ଧାରା 12ର ପ୍ରାବଧାନର ପ୍ରଯୁଜ୍ୟତା ପାଇଁ ସ୍ପଷ୍ଟ ଏବଂ ବୈଧ କାରଣ ନ ଥାଏ, ଜେଜେବି ସମସ୍ତ ପିଲାମାନଙ୍କୁ ଜାମିନ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ବିଚାର କରିବେ।*

*(ii) ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଯୋଗାଯୋଗକୁ ରୋକିବା ପାଇଁ ଅଭାସୀ ମାଧ୍ୟମ କିମ୍ବା ଅନଲାଇନ୍ ବୈଠକ ଆୟୋଜନ କରାଯାଇପାରିବ ।*

**କୁନା ବନାମ ରାଜ୍ୟ : 1993 (II) OLR 536**, ମାମଲାରେ ପ୍ରାୟ 15 ବର୍ଷ 2 ମାସ ଏବଂ 7 ଦିନ ବୟସର ଆବେଦନକାରୀ କିଶୋର ନ୍ୟାୟ ଅଧିନିୟମ 1986 ର ଧାରା 18 ଅନୁଯାୟୀ ସୁବିଧା ପାଇବାକୁ ହକଦାର କି ନାହିଁ ତାହା ଏହି ନ୍ୟାୟାଳୟ ବିଚାର କରିଥିଲେ । ଏହି ନିଷ୍ପତ୍ତି ଏହି ମାମଲା ପାଇଁ ପ୍ରାସଙ୍ଗିକ ନୁହେଁ ଏବଂ ଏହାର ଉଲ୍ଲେଖ କରାଯିବା ଉଚିତ ନୁହେଁ ।

**ନରେଶ ନାୟକ ବନାମ ରାଜ୍ୟ :(2008) 41 OCR 553** ମାମଲାରେ, ଏହି ନ୍ୟାୟାଳୟ **ଅବ୍ରାହିମ୍ କ୍ରିଷ୍ଟିଆନ୍ ବନାମ ରାଜ୍ୟ: 1989(1) OLR 89** ମାମଲାର ଅନୁପାତକୁ ଉଲ୍ଲେଖ କରିଥିଲେ ଯେ, ଜଣେ କିଶୋରଙ୍କୁ ମୁକ୍ତ କରିବା ହେଉଛି ନିୟମ, ଯଦି ବିଶ୍ୱାସ କରିବାର ଯୁକ୍ତିଯୁକ୍ତ କାରଣ ନଥାଏ ଯାହା ତାଙ୍କ ମୁକ୍ତି ସମ୍ଭବତଃ ତାଙ୍କୁ ଜଣାଶୁଣା ଅପରାଧୀମାନଙ୍କ ସହିତ ବିପଦରେ ପକାଇବ କିମ୍ବା ତାଙ୍କୁ ଏକ ନୈତିକ ବିପଦରେ ପକାଇବ ଏବଂ ବିଚାରଧୀନ ଅପରାଧୀଙ୍କ ହଷ୍ଟେଲ, ଅଧୀକ୍ଷକଙ୍କ ଅନୁକୂଳ ବିବୃତ ଉପରେ ଆଧାର କରି, ଜାମିନରେ କିଶୋରଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

**ଆଶିକ କୁମାର ସାହୁ ବନାମ ରାଜ୍ୟ:(2012) 52 OCR 356**, ମାମଲାରେ ଆଇ.ପି.ସି.ର ଧାରା 376 (2)(g) ଅଧୀନରେ ପଞ୍ଜୀକୃତ ହୋଇଥିବା ମାମଲାରେ ଯେକି ଜଣେ ଅଭିଯୁକ୍ତ ଥିଲେ, ଏହି ନ୍ୟାୟାଳୟ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ, 2000 ର ଧାରା 12 କୁ ଉଲ୍ଲେଖ କରି ଜେ ସି ଏଲ୍ କୁ ଜାମିନ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

**ଚିତ୍ତରଞ୍ଜନ ଓରଫ ବିଶ୍ୱଜିତ ସାହୁ ବନାମ ରାଜ୍ୟ: 2018 (II) OLR 377**, ମାମଲାରେ ଆଇ. ପି.ସି.ର ଧାରା-306 ଅନୁଯାୟୀ ଅପରାଧ ପାଇଁ ସି.ସି.ଏଲ. ବିରୋଧରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା । ଅଧିନିୟମର ଧାରା-12ର ବ୍ୟବସ୍ଥାଗୁଡ଼ିକୁ

ଉଲ୍ଲେଖ କରି ଏହା ଦର୍ଶାଯାଇଥିଲା ଯେ, ଅପରାଧର ଗମ୍ଭୀରତାକୁ ବିଚାର କରାଯିବା ଉଚିତ ନୁହେଁ, ବରଂ କେଉଁ ପରିସ୍ଥିତିରେ ଅପରାଧ ସଂଘଟିତ ହୋଇଛି ଏବଂ ତାଙ୍କ ପରିବେଶ ଅନୁକୂଳ କି ନାହିଁ ତାହା ବିଚାର କରିବାକୁ ହେବ ।

ଜେଜେ ଅଧିନିୟମର ଧାରା 12କୁ ଯତ୍ନର ସହ ଅନୁଧ୍ୟାନ କରିବା ଦ୍ୱାରା ଏହା ସ୍ପଷ୍ଟ ହୋଇଥାଏ ଯେ, ଜଣେ କର୍ତ୍ତବ୍ୟଭ୍ରଷ୍ଟ କିଶୋର ତାଙ୍କ ଦ୍ୱାରା କରାଯାଇଥିବା ଆରୋପିତ ଅପରାଧର ପ୍ରକୃତି ସତ୍ତ୍ୱେ  ଜାମିନରେ ମୁକ୍ତ କରିବାକୁ ପଡ଼ିବ, ଯେପର୍ଯ୍ୟନ୍ତ ଏହା ଦର୍ଶାଯାଇନାହିଁ ଯେ ଯଦି ତାଙ୍କୁ ଜାମିନ ମୁକ୍ତ କରାଯାଏ, ତେବେ ଏହା ବିଶ୍ୱାସ କରିବାର ଯୁକ୍ତିଯୁକ୍ତ ଆଧାର ରହିଛି ଯେ ସିଆଇସିଏଲର ମୁକ୍ତି ତାଙ୍କୁ କୌଣସି ଜଣାଶୁଣା ଅପରାଧୀ ସହ ସମ୍ବନ୍ଧ କରିବ କିମ୍ବା ତାଙ୍କୁ ନୈତିକ, ଶାରୀରିକ କିମ୍ବା ମାନସିକ ବିପଦରେ ପକାଇବ କିମ୍ବା ତାଙ୍କ ମୁକ୍ତି ନ୍ୟାୟର ଅଭିପ୍ରାୟକୁ ଧ୍ୱଂସ କରିବ । ଅପରାଧର ପ୍ରକୃତି ଏବଂ ମାମଲାର ଗୁଣବତ୍ତାର କୌଣସି ପ୍ରାସଙ୍ଗିକତା ନାହିଁ, କିନ୍ତୁ ଯଦି ସେଗୁଡ଼ିକ ଏପରି ପ୍ରକୃତିର ହୋଇଥାଏ, ଯାହା ଯଦି ସି. ଆଇ.ସି.ଏଲ୍. ଜାମିନ ମୁକ୍ତ ହୁଏ, ତେବେ ନ୍ୟାୟର ଅଭିପ୍ରାୟକୁ ଧ୍ୱଂସ କରିବ, ତେବେ ଏହାକୁ କିଛି ମାତ୍ରାରେ ବିଚାର କରାଯାଇପାରେ । କିନ୍ତୁ ସି.ଆଇ.ସି.ଏଲ୍. କୁ ଜାମିନରେ ମୁକ୍ତ ନକରିବାକୁ ନ୍ୟାୟଳୟମାନଙ୍କୁ ନିବର୍ତ୍ତାଇବା ପାଇଁ ଜେଜେ ଅଧିନିୟମ,2015ର ଧାରା 12 (1) ରେ ଦିଆଯାଇଥିବା କୌଣସି ଆଧାର ପ୍ରସ୍ତୁତ କରିବା ପାଇଁ ଅଭିଯୋଜନ ପକ୍ଷ ଦ୍ୱାରା ତଥ୍ୟଗୁଡିକ ଉପସ୍ଥାପନ କରିବାକୁ ପଡ଼ିବ। କିନ୍ତୁ ଏହି ମାମଲାରେ, ସାମାଜିକ ଅନୁସନ୍ଧାନ/ପୃଷ୍ଠଭୂମି ବିବୃତି ମାମଲା ଡାଏରୀରେ ଉପଲବ୍ଧ ନାହିଁ, ଯେଉଁଥିପାଇଁ ଏହା ବିଚାର କରିବା ସମ୍ଭବ ନୁହେଁ ଯେ ଆବେଦନକାରୀଙ୍କ ମୁକ୍ତି ତାଙ୍କୁ କୌଣସି ଜଣାଶୁଣା ଅପରାଧୀଙ୍କ ସହ ସମ୍ବନ୍ଧ କରିବ କିମ୍ବା ନୈତିକ, ଶାରୀରିକ କିମ୍ବା ମାନସିକ ବିପଦର ସମ୍ମୁଖୀନ କରିବ କିମ୍ବା ତାଙ୍କ ମୁକ୍ତି ନ୍ୟାୟର ଅଭିପ୍ରାୟକୁ ଧ୍ୱଂସ କରିବ।

ଏଠାରେ ଏହା ମଧ୍ୟ ଦର୍ଶାଇବା ଆବଶ୍ୟକ ଯେ, ଯଦିଓ ସି ଆଇ ସି ଏଲ୍ ଏସ୍ ର ଦୁଇଟି ବର୍ଗ ମଧ୍ୟରେ ଏକ ପ୍ରଭେଦ ସୃଷ୍ଟି କରାଯାଇଛି-(i) 16 ବର୍ଷରୁ କମ୍ ବୟସର ସି ଆଇ ସି ଏଲ୍ ଏସ୍ ଏବଂ (ii) 16 ବର୍ଷରୁ ଅଧିକ ବୟସର ସି ଆଇ ସି ଏଲ୍ ଏସ୍  ଅଧିନିୟମର ଧାରା 15 ଏବଂ ଧାରା 18 (3) ର ବ୍ୟବସ୍ଥା ଅନୁଯାୟୀ ଜେଜେ ପରିଷଦ ଦ୍ୱାରା ତଦନ୍ତ କିମ୍ବା ଶିଶୁ ନ୍ୟାୟାଳୟ  ଦ୍ୱାରା ବିଚାରକରିବା ସମ୍ବନ୍ଧରେ, କିନ୍ତୁ ଜାମିନ ପାଇଁ ସେମାନଙ୍କ ପ୍ରାର୍ଥନାର ବିଚାର କରିବା ସମ୍ବନ୍ଧରେ କୌଣସି ପ୍ରଭେଦ ନାହିଁ ଏବଂ ତେଣୁ ଉଭୟ ବର୍ଗର ସି. ଆଇ. ସି. ଏଲ୍. ଜାମିନ ଆବେଦନକୁ ଜେଜେ ଅଧିନିୟମ 12ର ଆଦେଶ ଅନୁଯାୟୀ ବିଚାର କରାଯିବ ।

ଅନ୍ୟାନ୍ୟ ବିଷୟ ମଧ୍ୟର, ଶିଶୁ ନ୍ୟାୟାଳୟ ଏହି ଅପିଲ ଖାରଜ କରି ଦର୍ଶାଇଛନ୍ତି ଯେ, ସ୍ଥାନୀୟ ଅଞ୍ଚଳରେ ପ୍ରତିଦ୍ୱନ୍ଦ୍ୱିତା ରହିଛି, ଏବଂ ତାଙ୍କ ମୁକ୍ତି ତାଙ୍କୁ ନୈତିକ, ଶାରୀରିକ କିମ୍ବା ମାନସିକ ବିପଦର ସମ୍ମୁଖୀନ କରିପାରେ ଏବଂ ଜେଜେ (ସିପିସି) ଅଧିନିୟମ 12 (1) ଅନୁଯାୟୀ ନ୍ୟାୟର ଅଭିପ୍ରାୟକୁ ମଧ୍ୟ ଧ୍ୱଂସ କରିପାରେ ।

**ଆର୍ ଇ: କୋଭିଡ-19 ସଂକ୍ରମଣ (ପୂର୍ବୋକ୍ତ)**ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ବିଚାରକୁ ନିଆଯାଇନାହିଁ କିମ୍ବା ସି. ଆଇ. ସି. ଏଲ୍. ସମ୍ବନ୍ଧରେ ସାମାଜିକ ପୃଷ୍ଠଭୂମି/ତଦନ୍ତ ବିବୃତକୁ ବିଦ୍ଧିବଦ୍ଧ ଆକ୍ଷେପିତ ଆଦେଶରେ ଉଲ୍ଲେଖ କରାଯାଇ ନାହିଁ । ସି.ଆଇ.ସି.ଏଲ୍.ର ଜାମିନ ପାଇଁ ପ୍ରାର୍ଥନାକୁ ଏହି ବିବୃତ ବ୍ୟତିରେକରେ ବିଚାର କରାଯାଇପାରିବ ନାହିଁ । ବିବୃତିର ବିଚାର ନକରିବା ଦ୍ୱାରା ପ୍ରତ୍ୟାଖ୍ୟାନକୁ ଅବୈଧ କରେ । ତେଣୁ ସି.ଆଇ.ସି.ଏଲ୍ କୁ ଜାମିନ ଦେବାକୁ ମନା କରୁଥିବା ଆକ୍ଷେପିତ ଆଦେଶକୁ ରଦ୍ଦ କରାଯାଉଛି ।

ସି.ଆଇ.ସି.ଏଲ୍. ବିରୁଦ୍ଧରେ ଅଭିଯୋଗର ପ୍ରକୃତି, ଅଧିନିୟମର ଧାରା 12 ର ନିର୍ଦ୍ଦେଶ, ଏହି ନ୍ୟାୟାଳୟ ଏବଂ ଉପରେ ଉଲ୍ଲେଖିତ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି, ସାମାଜିକ ତଦନ୍ତ/ପୃଷ୍ଠଭୂମି ବିବୃତିର ଅନୁପସ୍ଥିତି ଏବଂ କୋଭିଡ୍ 19 ର ପୁନରୁତ୍ଥାନ ଦ୍ୱାରା ସଂକ୍ରମଣ ଏବଂ ଜଟିଳତାର ବିପଦକୁ ଦୃଷ୍ଟିରେ ରଖି, ମୁଁ ସି.ଆଇ.ସି.ଏଲ୍.କୁ ଚାରି ମାସ ପାଇଁ ଅନ୍ତରୀଣ ଜାମିନରେ ମୁକ୍ତ କରିବାକୁ ଇଚ୍ଛୁକ ।

ଅପିଲକାରୀ-ସି.ଆଇ.ସି.ଏଲ୍. ତାଙ୍କ ବାସ୍ତବ ଅଭିଭାବକ-ପିତାଙ୍କ ମାଧ୍ୟମରେ ନିବେଦନ କରି ନିମ୍ନୋକ୍ତ ସର୍ତ୍ତାବଳୀ ସହିତ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ବୋଲି ବିବେଚନା କରାଯାଉଥିବା ନିୟମ ନିବନ୍ଧନ ଓ ସର୍ତ୍ତାବଳୀ ଉପରେ ମାମଲାର କ୍ଷମତାପ୍ରାପ୍ତ ନ୍ୟାୟାଳୟଙ୍କ ସନ୍ତୋଷ ପାଇଁ ଚାରି ମାସ ଅବଧି ପାଇଁ ମଧ୍ୟବର୍ତ୍ତୀକାଳୀନ ଜାମିନ ମୁକ୍ତ କରାଯାଉ-

(i) ତାଙ୍କ ପିତା-ବାସ୍ତବ ଅଭିଭାବକ ଏକ ଅଙ୍ଗୀକାର ପ୍ରଦାନ କରିବେ ଯେ, ମୁକ୍ତ ହେବା ପରେ ସିଆଇସିଏଲକୁ କୌଣସି ଅପରାଧୀଙ୍କ ସଂସ୍ପର୍ଶରେ ଆସିବାକୁ ଅନୁମତି ଦିଆଯିବ ନାହିଁ ଏବଂ କୌଣସି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ହେବେ ନାହିଁ ।

(ii) ସମ୍ପୃକ୍ତ ଶିଶୁ ତତ୍ତ୍ୱାବଧାରକ ଅଧିକାରୀ/ଶିଶୁ କଲ୍ୟାଣ ଅଧିକାରୀ ସମୟ ସମୟରେ ତାଙ୍କ ଘରକୁ ଯାଇ ସି. ଆଇ. ସି. ଏଲ୍. ଉପରେ ସାଧାରଣ ତଦାରଖ କରିବେ, ଯାହା ଆବଶ୍ୟକ ବୋଲି ବିବେଚନା କରାଯାଏ, ଏହା ସୁନିଶ୍ଚିତ କରିବା ପାଇଁ ଯେ ସେ କୌଣସି ନୈତିକ, ଶାରୀରିକ କିମ୍ବା ମାନସିକ ବିପଦର ସମ୍ମୁଖୀନ ହେବେ ନାହିଁ ।

(iii) ଚାରି ମାସର ଅବଧି ସମାପ୍ତ ହେବା ପରେ, ସି. ଆଇ. ସି. ଏଲ୍. ଶିଶୁ ନ୍ୟାୟାଳୟରେ ଆତ୍ମ ସମର୍ପଣ କରିବେ ଏବଂ ନୂତନ ଭାବରେ ଜାମିନ ପାଇଁ ଆବେଦନ କରିବ ଯାହା ଅଧିନିୟମର ଧାରା 12 ସହିତ ମାମଲାର ତଥ୍ୟ, ସାମାଜିକ ଅନୁସନ୍ଧାନ/ପୃଷ୍ଠଭୂମି ବିବୃତ, ସମ୍ପୃକ୍ତ ଶିଶୁ ତତ୍ତ୍ୱାବଧାରକଙ୍କ ବିବୃତ /ଶିଶୁ କଲ୍ୟାଣ ଅଧିକାରୀ ଏବଂ **ଆର୍ ଇ: ସଂକ୍ରମଣ** (ପୂର୍ବୋକ୍ତ) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ବିଚାରକୁ ନେଇ ଯଦି କୋଭିଡ-19 ମହାମାରୀ ଏବେ ବି ବୃଦ୍ଧି ପାଉଛି ତେବେ ଆଇନ ଅନୁଯାୟୀ ବିଚାର କରାଯିବ ।

ସେହି ଅନୁଯାୟୀ ସି ଆର୍ ଏଲ୍ ଏ ର ପରିସମାପ୍ତି କରାଯାଇଛି ।

ଯେହେତୁ କୋଭିଡ-19 ପରିସ୍ଥିତିର ପୁନରୁତ୍ଥାନ କାରଣରୁ ପ୍ରତିବନ୍ଧକ ଜାରି ରହିଛି, ଆବେଦନକାରୀକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ସମ୍ପୃକ୍ତ ଅଧିବକ୍ତା ଦ୍ଵାରା ଅନୁପ୍ରମାଣିତ ଆଧାରରେ, 25 ମାର୍ଚ୍ଚ, 2020ରେ ନ୍ୟାୟାଳୟର ବିଜ୍ଞପ୍ତି ସଂଖ୍ୟା 4587, ଯାହା 15 ଏପ୍ରିଲ 2021 ରେ ନ୍ୟାୟାଳୟର ବିଜ୍ଞପ୍ତି ସଂଖ୍ୟା 4798 ଦ୍ଵାରା ସଂଶୋଧିତ ହୋଇଥିବା ନିର୍ଦ୍ଧାରିତ ପ୍ରକ୍ରିୟାରେ ଉଚ୍ଚ ନ୍ୟାୟାଳୟର ୱେବସାଇଟରେ ଉପଲବ୍ଧ ଆଦେଶର ପ୍ରମାଣୀକୃତ ନକଲ ସହିତ ସମାନ ଏକ କମ୍ପ୍ୟୁଟର ଦ୍ଵାରା ମୁଦ୍ରିତ କାଗଜ ବ୍ୟବହାର କରିପାରିବେ ।

..............................................

**ସାବିତ୍ରୀ ରଥ,**
**ନ୍ୟାୟମୂର୍ତ୍ତି।**

ଅସ୍ବୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।